ଓଡ଼ିଶା ରାଜ୍ୟ

ବନାମ

ମଦନ ଗୋପାଳ ରୁଙ୍ଗଟା

---

ଓଡ଼ିଶା ରାଜ୍ୟ

ବନାମ

ଅର୍ଜୁନ ଲାଧା

---

ଓଡ଼ିଶା ରାଜ୍ୟ

ବନାମ

ମାଲକମ ଅଙ୍ଗୁଶ ଟୁଲ୍ଲକ

---

ଓଡ଼ିଶା ରାଜ୍ୟ

ବନାମ

ମହମ୍ମଦ ସିରାଜୁଦ୍ଦିନ ଏବଂ ଅନ୍ୟମାନେ

---

ଓଡ଼ିଶା ରାଜ୍ୟ

ବନାମ

ଏସ୍. ଲାଲ

[ହରିଲାଲ କାନିୟା ମୁଖ୍ୟ ନ୍ୟାୟାଧୀଶ, ପତଞ୍ଜଳି ଶାସ୍ତ୍ରୀ,
ମୁଖାର୍ଜିଆ, ଦାସ ଏବଂ ଚନ୍ଦ୍ରଶେଖର ଆୟାର ନ୍ୟାୟାଧୀଶ ବୃନ୍ଦ]

*ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 226 - ଦାୟର ହୋଇଥିବା ଦେୱାନୀ ମକଦ୍ଦମା ବିଚାରାଧୀନ ଥାଇ ପକ୍ଷମାନଙ୍କ ଅଧିକାର ନିର୍ଦ୍ଧାରଣ ନକରି କେବଳ ମଧ୍ୟବର୍ତ୍ତୀକାଳୀନ ରିହାତି ପ୍ରଦାନ କରୁଥିବା ଆଜ୍ଞାଦେଶ ଗୁଡ଼ିକ - ବୈଧତା*

ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 80 ଅନୁଯାୟୀ ଏକ ନୋଟିସ ଜାରି ତାରିଖରୁ 60 ଦିନ ଶେଷ ହେବା ପର୍ଯ୍ୟନ୍ତ ମକଦ୍ଦମା ଆରମ୍ଭ ହୋଇପାରିନାହିଁ ଏବଂ ଏହା ମଧ୍ୟରେ ଯଦି ନ୍ୟାୟାଳୟଙ୍କଠାରୁ ସୁରକ୍ଷା ନପାଆନ୍ତି ତେବେ ଦରଖାସ୍ତକାରୀ ଅପୁରଣୀୟ କ୍ଷତି ସହିପାରନ୍ତି, କେବଳ ଏହି କାରଣରୁ ବିଚାରାଧୀନ ମକଦ୍ଦମାରେ ମଧ୍ୟବର୍ତ୍ତୀକାଳୀନ ରିହାତି ପ୍ରଦାନ କରିବା  ଉଦ୍ଦେଶ୍ୟରେ ଉଚ୍ଚ ନ୍ୟାୟାଳୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ନିର୍ଦ୍ଦେଶ ଦେଇପାରିବେନାହିଁ ।

ଯଦିଓ ମୌଳିକ ଅଧିକାର ପ୍ରବର୍ତ୍ତନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଅନୁଚ୍ଛେଦ 226 ଅନୁଯାୟୀ ରିଟ୍ ଜାରି କରାଯାଇପାରିବ, ଅନୁଚ୍ଛେଦଟିର ଶେଷ ଶବ୍ଦଗୁଡିକ ସେହି ସନ୍ଦର୍ଭରେ ପଢିବାକୁ ପଡିବ ଯାହା ପୂର୍ବରୁ ସମାନ ଅଟେ, ଏବଂ ଏକ ଅଧିକାରର  ଅସ୍ତିତ୍ୱ ଏହି ଅନୁଚ୍ଛେଦ ଅନୁଯାୟୀ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ପ୍ରୟୋଗର ମୂଳଦୁଆ ଅଟେ ।

ଏକ ମଧ୍ୟବର୍ତ୍ତୀକାଳୀନ ରିହାତି କେବଳ ମୁଖ୍ୟ ରିହାତିର ସହାୟତା ଏବଂ ଆନୁଷଙ୍ଗିକ ଭାବରେ ମଞ୍ଜୁର କରାଯାଇପାରିବ ଯାହା ଏକ ମକଦ୍ଦମା କିମ୍ବା କାର୍ଯ୍ୟାନୁଷ୍ଠାନରେ ପକ୍ଷକୁ ତାଙ୍କ ଅଧିକାରର ଚୂଡ଼ାନ୍ତ ନିର୍ଣ୍ଣୟ ଉପରେ ଉପଲବ୍ଧ ହୋଇପାରେ ।

ଦେୱାନୀ ଆବେଦନ ଅଧିକାରିତା: ମାମଲା ସଂଖ୍ୟା 300 ରୁ 304/1951

ବିବିଧ ନ୍ୟାୟିକ ମାମଲା ସଂଖ୍ୟା 126,127,128,129 ଏବଂ 130/1951 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ (ରାୟ, ମୁଖ୍ୟ ନ୍ୟାୟାଧୀଶ ଏବଂ ନରସିଂହମ୍, ନ୍ୟାୟମୂର୍ତ୍ତି) 2 ଅଗଷ୍ଟ, 1951ର ଏକ ରାୟ ବିରୋଧରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 132 (1) ଅନୁଯାୟୀ ଆବେଦନ ଗୁଡିକ ।

ସମସ୍ତ ଆବେଦନରେ ଆବେଦନକାରୀଙ୍କ ପାଇଁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତଲୱାଡ* (ତାଙ୍କ ସହିତ *ଜି. ଏନ୍. ଯୋଶୀ*)।

ମାମଲା ସଂଖ୍ୟା 300/1951 ରେ ଉତ୍ତରଦାତାଙ୍କ ପାଇଁ *ଏନ୍. ସି. ଚାଟାର୍ଜୀ* (*ଏଚ୍. ଜେ. ଉମ୍ରିଗର* ଏବଂ *ଏ. ଏନ୍. ରୟ*, ଙ୍କ ସହିତ) ।

ମାମଲା ସଂଖ୍ୟା 301 ଏବଂ 304 ରେ ଉତ୍ତରଦାତାଙ୍କ ପାଇଁ *ରୋଶନ ଲାଲ* ।

ମାମଲା ସଂଖ୍ୟା 302/1951 ରେ ଉତ୍ତରଦାତାଙ୍କ ପାଇଁ *ଏନ୍. ସି. ଚାଟାର୍ଜୀ* (*ଏ. ଏନ୍. ରୟ* ଙ୍କ ସହିତ) ।

ମାମଲା ସଂଖ୍ୟା 300/1951 ରେ ଉତ୍ତରଦାତାଙ୍କ ପାଇଁ *ଏନ୍. ସି. ଚାଟାର୍ଜୀ* (*ଏ. ଏନ୍. ରୟ, ଏବଂ ଏ. ଏନ୍. ସିହ୍ନା* ଙ୍କ ସହିତ) ।

25 ଅକ୍ଟୋବର, 1951 । କାନିୟା, ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା –

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ନ୍ୟାୟାଳୟଙ୍କଠାରୁ ଏକ *ପରମ ଆଜ୍ଞାଦେଶ* ଏବଂ/କିମ୍ବା ନିର୍ଦ୍ଦେଶ ପ୍ରାପ୍ତ କରିବାକୁ ପ୍ରତ୍ୟେକ ଆବେଦନର ଉତ୍ତରଦାତାଙ୍କ ଦ୍ୱାରା ଦାୟର ପାଞ୍ଚଗୋଟି ଆବେଦନ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ରାୟରୁ ଏହି ପାଞ୍ଚ ଗୋଟି ସହଯୋଗୀ ଆବେଦନ ।

ପ୍ରତ୍ୟେକ ଉତ୍ତରଦାତା ଅଭିଯୋଗ କରିଥିଲେ ଯେ 1941 ରୁ 1947 ମସିହା ମଧ୍ୟରେ ସେ କେନ୍ଦୁଝରର ଶାସକଙ୍କଠାରୁ ଏକ ଖଣି ପଟ୍ଟା ନେବାକୁ ରାଜି ହୋଇଥିଲେ ଏବଂ ଏହି ଅଞ୍ଚଳକୁ ନିଜ ଅଧୀନକୁ ନେଇଥିଲେ । କେତେକ ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ସେମାନେ ଖଣିଗୁଡ଼ିକର ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରିଛନ୍ତି ଏବଂ ସେହି କାମ କରିବା ପାଇଁ ଯନ୍ତ୍ରପାତି ସ୍ଥାପନ କରିଛନ୍ତି । ତେବେ ଏହା ଏକ ସାଧାରଣ କାରଣ ଯେ 1947 ପୂର୍ବରୁ କୌଣସି ଉତ୍ତରଦାତାଙ୍କ ସପକ୍ଷରେ କୌଣସି ପଞ୍ଜୀକୃତ ଦଖଲ ମିଆଦି ଅନୁମତି ପତ୍ର ନଥିଲା । 1947 ମସିହା ଡିସେମ୍ବର 14 ତାରିଖରେ କେନ୍ଦୁଝରର ଶାସକ ଭାରତୀୟ ସାର୍ବଭୌମ ସହିତ ଏକ ମିଶ୍ରଣ ରାଜିନାମା ସ୍ୱାକ୍ଷର କରିଥିଲେ ଏବଂ 1948 ମସିହା ଜାନୁଆରୀ 1 ତାରିଖରୁ ଏହି ରାଜ୍ୟକୁ ଭାରତୀୟ ସାର୍ବଭୌମରେ ମିଶ୍ରଣ କରାଯାଇଥିଲା । ମିଶ୍ରଣ ରାଜିନାମା ସ୍ୱାକ୍ଷରିତ ହେବା ପରେ ଶାସକ 1947 ମସିହା ଡିସେମ୍ବର 27 ତାରିଖରେ ଏହି ଆବେଦନ ଗୁଡିକର ଉତ୍ତରଦାତାମାନଙ୍କୁ ପଞ୍ଜୀକୃତ ଲିଜ୍ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା 172/1 B, 23 ମାର୍ଚ୍ଚ, 1948 ସହିତ ଅତିରିକ୍ତ ପ୍ରାଦେଶିକ ଅଧିକାରିତା ଅଧିନିୟମ 1949 ର ଧାରା 4 ଦ୍ୱାରା ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗର ଅନୁସରଣରେ ଓଡ଼ିଶା ସରକାର *ଅନ୍ୟାନ୍ୟ ବିଷୟ ମଧ୍ୟରେ* ଉକ୍ତ ଲିଜ୍ କୁ ଅସିଦ୍ଧ ଏବଂ ଏହା ଉପରେ ବାଧ୍ୟତାମୂଳକ ନୁହେଁ ବୋଲି ଘୋଷଣା କରି 8 ଜୁନ, 1949 ରେ ଏକ ଅଧିସୂଚନା ଜାରି କରିଥିଲେ । ଏହି ପ୍ରତିଶ୍ରୁତିଗୁଡ଼ିକ ଯୁକ୍ତିଯୁକ୍ତ ଏବଂ *ଯଥାର୍ଥ* ନଥିଲା ବୋଲି ସ୍ପଷ୍ଟ ଭାବରେ ଏହି ବାତିଲ କରାଯାଇଥିଲା। ଏହା ପରେ, ଉତ୍ତରଦାତାମାନେ ଅନ୍ୟମାନଙ୍କ ସହିତ ସେମାନଙ୍କୁ ଲିଜ୍ ଦେବା ପାଇଁ ଓଡ଼ିଶା ସରକାରଙ୍କ ନିକଟକୁ ଯାଇଥିଲେ ଏବଂ ରାଜ୍ୟ ସରକାର ସେମାନଙ୍କୁ ନଭେମ୍ବର, 1949 ରେ ଖଣି କାର୍ଯ୍ୟ କରିବା ପାଇଁ ଅସ୍ଥାୟୀ ଅନୁମତି ଦେଇଥିଲେ । 3 ଜୁଲାଇ, 1951 ରେ, ସେମାନେ ଅସ୍ଥାୟୀ ଅନୁମତି ରଦ୍ଦ କରି ଏକ ଆଦେଶ ପାରିତ କରିଥିଲେ ଏବଂ ପନ୍ଦର ଦିନ ମଧ୍ୟରେ ସମ୍ପୃକ୍ତ ଖଣି ସହିତ ଜଡିତ ସେମାନଙ୍କର ସାମଗ୍ରୀ ସବୁ ହଟାଇବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରତିବାଦୀମାନେ ଓଡ଼ିଶା ସରକାରଙ୍କୁ ଜୁନ୍ 8 ଏବଂ ଜୁଲାଇ 3, 1951 ର ନୋଟିସ୍ ପ୍ରତ୍ୟାହାର କରିବାକୁ ଏବଂ ଏହା ଉପରେ କାର୍ଯ୍ୟାନୁଷ୍ଠାନ କିମ୍ବା କାର୍ଯ୍ୟକାରୀ କରିବାରୁ ନିବୃତ୍ତ ହେବାକୁ ନିର୍ଦ୍ଦେଶ ଦେବା ପାଇଁ ଓଡ଼ିଶା ରାଜ୍ୟ ବିରୁଦ୍ଧରେ ରିଟ୍ କିମ୍ବା *ପରମ ଆଜ୍ଞାଦେଶ* ପାଇଁ ଅନୁରୋଧ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କଠାରେ ଆବେଦନ ଗୁଡିକୁ ଦାୟର କରିଥିଲେ ।

ପକ୍ଷମାନଙ୍କ ବିରୋଧାତ୍ମକ ଯୁକ୍ତିଗୁଡ଼ିକୁ ଧ୍ୟାନରେ ରଖି ଏବଂ ଓଡ଼ିଶା ରାଜ୍ୟ ଅନୁମତିପତ୍ର ଗୁଡ଼ିକୁ ରଦ୍ଦ କରିଦେଇଛନ୍ତି ଏବଂ ରାଜ୍ୟର କାର୍ଯ୍ୟ ଭାବେ ଏହାକୁ ନିଜ ଅଧୀନକୁ ନେବାକୁ ଚେଷ୍ଟା କରୁଛନ୍ତି ବୋଲି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ନ୍ୟାୟାଳୟ ପ୍ରଶ୍ନ ଉଠାଇଥିଲେ ଯେ "ରାଜ୍ୟ ଦ୍ୱାରା ନିର୍ଭର କରାଯାଇଥିବା ରଦ୍ଦକରଣ ଆଇନ ଆବେଦନକାରୀଙ୍କୁ ଦିଆଯାଇଥିବା ଖଣି ଲିଜ୍ ଉପରେ ଲାଗୁ ହେବ କି, କିମ୍ବା ବିକଳ୍ପ ଭାବେ, ସେଥିରେ ଉଲ୍ଲେଖ କରାଯାଇଥିବା ଅବଧି ପୂର୍ବରୁ ଲିଜ୍ ଗୁଡ଼ିକୁ ରଦ୍ଦ କରିବା ପାଇଁ ରାଜ୍ୟର କୌଣସି ଆଇନଗତ ଅଧିକାର ଅଛି କି?" ଉତ୍ତରଦାତାମାନଙ୍କ ଦ୍ୱାରା ଅସ୍ଥାୟୀ ଅନୁମତିର ସ୍ୱୀକୃତି ଏବଂ ସେଥିରୁ ଉପୁଜିଥିବା ସ୍ତମ୍ଭନ ଉପରେ ପର୍ଯ୍ୟବେସିତ ରାଜ୍ୟର ଯୁକ୍ତି ଉପରେ ଉଲ୍ଲେଖ କରି ଶ୍ରୀ ରାୟ, ମୁଖ୍ୟ ନ୍ୟାୟାଧୀଶ ତାଙ୍କ ରାୟରେ ନିମ୍ନମତେ କହିଛନ୍ତି:- "ଏହି ବିବାଦର ବୈଧତା ନିର୍ଦ୍ଧାରଣ କରିବାରେ (ଅସ୍ଥାୟୀ ଅନୁମତି ଏବଂ ସେଥିରୁ ଉପୁଜିଥିବା ସ୍ତମ୍ଭନ ସମ୍ବନ୍ଧୀୟ) କେଉଁ

ପରିସ୍ଥିତିରେ ଏହି ଆବେଦନ କରାଯାଇଥିଲା ଏବଂ ଏହିପରି ଆବେଦନଗୁଡ଼ିକର ଆଇନଗତ ପ୍ରଭାବ ଏବଂ ସେମାନଙ୍କ ଅଧୀନରେ ଦିଆଯାଇଥିବା ଅନୁମତି ଉପରେ ବିଚାର କରିବାକୁ ପଡିବ । ପ୍ରତିଦ୍ୱନ୍ଦ୍ୱୀ ଯୁକ୍ତିର ସମ୍ପୃକ୍ତ ଗୁଣବତ୍ତା ବିଷୟରେ ଏହି ସଂକ୍ଷିପ୍ତ ପ୍ରକ୍ରିୟାରେ କୌଣସି ମତାମତ ପ୍ରକାଶ କରିବା ଆମର ଉଦ୍ଦେଶ୍ୟ ଠାରୁ ଦୂରରେ । ତେବେ ମୁଁ ସନ୍ତୁଷ୍ଟ ଯେ ଘଟଣା ସନ୍ଦର୍ଭରେ ଏବଂ ଏଥିରେ ଜଡ଼ିତ ପରିସ୍ଥିତିର ଯୁକ୍ତିରେ, ଏଠାରେ ବିଚାର କରିବାକୁ ଏକ ମାମଲା  ଅଛି ।" "ପରବର୍ତ୍ତୀ ସମୟରେ ସେ *ପରମ ଆଜ୍ଞାଦେଶ*ର ପରିସରକୁ ବିଚାର କଲେ ଏବଂ ଏହି ଉପସଂହାର ପହଞ୍ଚିଲେ ଯେ "ଏହି ସମୟରେ" ଉତ୍ତରଦାତାମାନଙ୍କ ପାଖରେ କୌଣସି ବିକଳ୍ପ ଆଇନଗତ ପ୍ରତିକାର ନାହିଁ, ଯାହା ସମାନ ଭାବରେ ସୁବିଧାଜନକ, ଲାଭଦାୟକ ଏବଂ ପ୍ରଭାବଶାଳୀ, କାରଣ ଉତ୍ତରଦାତାମାନେ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା ୫୦ ଅନୁଯାୟୀ ଏହି ଉଦ୍ଦେଶ୍ୟରେ ଆବଶ୍ୟକ ଷାଠିଏ ଦିନର ଅବଧି ଶେଷ ହେବା ପର୍ଯ୍ୟନ୍ତ ମକଦ୍ଦମା ଦାୟର କରିପାରିନଥିଲେ ଏବଂ ସେ ଭାବିଲେ ଯେ ଯଦି ଏହି ସମୟରେ ନ୍ୟାୟାଳୟଙ୍କ ଦ୍ୱାରା ସୁରକ୍ଷା ନପାଆନ୍ତି, ତେବେ ଉତ୍ତରଦାତାମାନେ ଖଣି ଲିଜ୍ ଦଖଲ କରିବାର ଅପୂରଣୀୟ ଏବଂ ଅପରିବର୍ତ୍ତନୀୟ କ୍ଷତି ସହିବେ ଯେଉଁଥିରେ ଶ୍ରମ, ଯନ୍ତ୍ରପାତି ଏବଂ ବିପୁଳ ମୂଲ୍ୟର ଉପକରଣର ଅନ୍ୟାନ୍ୟ ସମ୍ବଳ ଅନ୍ତର୍ଭୁକ୍ତ ଯାହା କ୍ଷତିପୂରଣ ଭାବରେ ଅର୍ଥ ପ୍ରଦାନ ଦ୍ୱାରା ପ୍ରତିକାର କରିବାରେ ସକ୍ଷମ ହେବ ନାହିଁ । ତେଣୁ ଖଣ୍ଡପୀଠ 2 ଅଗଷ୍ଟ, 1951 ରେ ଏକ ଆଦେଶ ପାରିତ କରିଥିଲେ, ଯାହା ନିମ୍ନରେ ଦିଆଗଲା:- "ଆମେ ନିର୍ଦ୍ଦେଶ ଦେଉଛୁ ଯେ ଆଜିଠାରୁ ତିନି ମାସ ପର୍ଯ୍ୟନ୍ତ କିମ୍ବା ସେମାନଙ୍କ (ଉତ୍ତରଦାତାମାନଙ୍କ) ମନସ୍ଥ ମକଦ୍ଦମା ଆରମ୍ଭ ହେବାର ଏକ ସପ୍ତାହ ପରେ, ଯେଉଁଟି ପୂର୍ବରୁ ହେବ, ଓଡ଼ିଶା ରାଜ୍ୟ ସରକାର ସମ୍ପୃକ୍ତ ଖଣି ଅଞ୍ଚଳ ଉପରେ ଆବେଦନକାରୀଙ୍କ ଦଖଲକୁ ବ୍ୟାହତ କରିବା ଠାରୁ ଦୂରେଇ ରହିବା ଉଚିତ ଏବଂ ଏହା ପରେ ଏହି ଆଦେଶର ପ୍ରଭାବ ରହିବ ନାହିଁ ।" ଉପରୋକ୍ତ ଅବଧିରେ ଖଣିଗୁଡ଼ିକ କିପରି କାର୍ଯ୍ୟ କରିବ ସେ ସମ୍ପର୍କରେ ସେମାନେ ଅଧିକ ନିର୍ଦ୍ଦେଶ ଦେଇଥିଲେ । ରାୟର ଶେଷ ଆଡ଼କୁ ଉପରେ ଦର୍ଶାଯାଇଥିବା ପରି ଏହା ସୀମିତ ପରିମାଣରେ ଥିଲା । ନରସିଂହମ୍, ବିଚାରପତି କହିଛନ୍ତି । "ଫଳସ୍ୱରୂପ, ମୁଖ୍ୟ ନ୍ୟାୟାଧୀଶଙ୍କ ରାୟରେ ଦର୍ଶାଯାଇଥିବା ଆଦେଶ ସହମତିରେ ଆଂଶିକ ଭାବେ ଆବେଦନଗୁଡିକୁ ଅନୁମତି ଦିଆଯାଇଛି, ଯଦିଓ ସହମତି ଅତ୍ୟନ୍ତ ବିଳମ୍ବିତ ବୋଲି ତାଙ୍କ ରାୟ ଦର୍ଶାଏ । ସେ କହିଥିଲେ ଯେ ଯଦିଓ ସେ ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ଅନିଚ୍ଛୁକ ଥିଲେ କାରଣ ବର୍ତ୍ତମାନର ଉତ୍ତରଦାତାମାନେ ଏକ ମକଦ୍ଦମା ଦାୟର କରିପାରିଥାଆନ୍ତେ, ତଥାପି, ଯେହେତୁ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା ୫୦କୁ ଦୃଷ୍ଟିରେ ରଖି ଏକ ଅନିବାର୍ଯ୍ୟ ବିଳମ୍ବ ହେବ ଯାହା ଉତ୍ତରଦାତା ମାନଙ୍କୁ ଅପୂରଣୀୟ କ୍ଷତି ପହଞ୍ଚାଇବ, ସେ ରାଜି ହୋଇଥିଲେ ଯେ ମୁଖ୍ୟ ନ୍ୟାୟାଧୀଶଙ୍କ ରାୟରେ ଉଲ୍ଲେଖ ଅନୁଯାୟୀ ଏହି ଆଦେଶ ପାରିତ ହେବା ଉଚିତ । ତାଙ୍କ ରାୟର ଶେଷ ଆଡ଼କୁ ସେ ନିମ୍ନମତେ କହିଥିଲେ:- "ତେବେ ଏହା ଉପରେ ସ୍ପଷ୍ଟ ଭାବେ ଗୁରୁତ୍ୱ ଦିଆଯିବା ଉଚିତ ଯେ ଏହି ରାୟରେ ଥିବା ପର୍ଯ୍ୟବେକ୍ଷଣକୁ କୌଣସି ପ୍ରଶ୍ନ ଉପରେ ପୂର୍ବ ନିର୍ଣ୍ଣୟ ଭଳି ଗ୍ରହଣ କରାଯିବା ଉଚିତ ନୁହେଁ, ଯାହା ଆବେଦନକାରୀମାନେ ନିୟମିତ ମକଦ୍ଦମା ଦାୟର କରି  ଅସ୍ଥାୟୀ ନିଷେଧାଜ୍ଞା ସ୍ୱରୂପ ସେହି ଅଦାଲତରୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ମାଗିବା ସମୟରେ, ତତ୍ତ୍ୱାବଧାୟକ ନିଯୁକ୍ତି କିମ୍ବା ଅନ୍ୟ କ୍ଷେତ୍ରରେ ଦେୱାନୀ ନ୍ୟାୟାଳୟଙ୍କ ବିଚାର ପାଇଁ   ଉଠିପାରେ । ଯଦି ଏପରି ଏକ ଆବେଦନ କରାଯାଏ, ତେବେ ବିଚାର ପାଇଁ ଆବେଦନକାରୀଙ୍କର

ଏକ *ପ୍ରଥମ ଦୃଷ୍ଟିଗତ* ମାମଲା ଅଛି କି  କିମ୍ବା ଏପରି ଏକ ମକଦ୍ଦମା ଗ୍ରହଣଯୋଗ୍ୟ କି କିମ୍ବା ମକଦ୍ଦମାର ସମାପ୍ତି ପର୍ଯ୍ୟନ୍ତ ସେମାନଙ୍କୁ ପଟ୍ଟାଦାରୀ ସମ୍ପତ୍ତିର ଦଖଲରେ ରହିବାକୁ ଅନୁମତି ଦିଆଯିବା ଉଚିତ ବୋଲି ସୁବିଧାର ସନ୍ତୁଳନ ଆବଶ୍ୟକ କରେ କି ଏବଂ ଅନ୍ୟାନ୍ୟ ସମସ୍ତ ଆନୁସଙ୍ଗିକ ମାମଲା ଏହି ରାୟରେ ଥିବା ପର୍ଯ୍ୟବେକ୍ଷଣ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ନହୋଇ ସମ୍ପୃକ୍ତ ନ୍ୟାୟାଳୟଙ୍କ ଦ୍ୱାରା ପରିଚାଳନା କରାଯିବା ଉଚିତ । ଅନୁଚ୍ଛେଦ 226 ଅନୁଯାୟୀ ଅସ୍ଥାୟୀ ରିହାତି ପ୍ରଦାନ କରିବାର ସୀମିତ ଉଦ୍ଦେଶ୍ୟ ପାଇଁ ସେହି ପର୍ଯ୍ୟବେକ୍ଷଣଗୁଡିକ କରାଯାଇଛି ଏବଂ ଭବିଷ୍ୟତରେ ମକଦ୍ଦମାରେ କୌଣସି ପକ୍ଷ କିମ୍ବା ନ୍ୟାୟାଳୟକୁ ବିବ୍ରତ କରିବାର ଉଦ୍ଦେଶ୍ୟ ନୁହେଁ ।

ଏହା ଜଣାପଡୁଛି ଯେ ଏହା ପରେ ଏହି ଆଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ଏକ ଆବେଦନ କରାଯାଇଥିଲା ଯାହା ଦ୍ୱାରା ଓଡ଼ିଶା ସରକାର ଅଗଷ୍ଟ 2 ତାରିଖର ଆଦେଶ ବିରୁଦ୍ଧରେ ଆବେଦନ କରିପାରିବେ । ସେହି ନ୍ୟାୟାଧୀଶମାନେ ଅଗଷ୍ଟ 6 ତାରିଖରେ ଏହି ଆଦେଶର କାର୍ଯ୍ୟକାରିତା ଉପରେ ପନ୍ଦର ଦିନ ପାଇଁ ସ୍ଥଗିତାଦେଶ ଜାରି କରିଥିଲେ ଏବଂ ନିମ୍ନୋକ୍ତ ମନ୍ତବ୍ୟ ଦେଇଥିଲେ:- "ଏହି ଆଦେଶର (ଅଗଷ୍ଟ 2, 1951) ପ୍ରଭାବ ହେଉଛି ଯେ ଆବେଦନକାରୀମାନେ ଯେଉଁ ସମୟ ମଧ୍ୟରେ ପ୍ରତିକାର ପାଇ ନଥିଲେ, ସେହି ସମୟ ପାଇଁ ସେମାନଙ୍କୁ (ଏହି ଆବେଦନରେ ଉତ୍ତରଦାତାମାନଙ୍କୁ) କିଛି ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଦେବା ବ୍ୟତୀତ, ଆମେ ଅନୁରୋଧ ଅନୁଯାୟୀ ଆବେଦନକୁ ଗ୍ରହଣ କରିବାକୁ ଏବଂ *ପରମ ଆଜ୍ଞାଦେଶ* ପାଇଁ ଏକ ରିଟ୍ ଜାରି କରିବାକୁ ଇଚ୍ଛୁକ ନଥିଲୁ । ଓଡ଼ିଶା ରାଜ୍ୟ ଆମ ନିକଟରେ ଆବେଦନ କରିବାକୁ ଆସିଛନ୍ତି ଏବଂ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଆମେ ଏହି ଉପସଂହାର ପହଞ୍ଚିଲୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ । ତଦନୁସାରେ ଆମେ ଅକ୍ଟୋବର 15 ରେ ନିମ୍ନଲିଖିତ ଆଦେଶ ପାରିତ କରିଛୁ: "ଏହି ପାଞ୍ଚଟି ଆବେଦନକୁ ଅନୁମତି ଦିଆଯାଇଛି ଏବଂ ପ୍ରତ୍ୟେକ ମାମଲାରେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ରଦ୍ଦ କରିଦିଆଯାଇଛି । ଯେହେତୁ ଉଚ୍ଚ ନ୍ୟାୟାଳୟ ଆବେଦନ ଉପରେ ଅନ୍ୟ କୌଣସି ଆଦେଶ ପାରିତ କରିନାହାଁନ୍ତି ଏବଂ ବାସ୍ତବରେ କହିଛନ୍ତି ଯେ ଆବେଦନ ଉପରେ ଅନ୍ୟ କୌଣସି ଆଦେଶ ପାରିତ କରିବାକୁ ନ୍ୟାୟାଳୟ ପ୍ରସ୍ତୁତ ନୁହଁନ୍ତି, ଆବେଦନଗୁଡ଼ିକ ଖାରଜ ହୋଇଛି ।  ଉତ୍ତରଦାତାମାନେ ଆବେଦନର ଖର୍ଚ୍ଚ ବହନ କରିବେ । ଆମେ ଆମର କାରଣ ପରେ ଦେବୁ"। ଆମର କାରଣ ଗୁଡ଼ିକ ହେଲା:

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ନିମ୍ନରେ ଦିଆଗଲା:-

226. (1) "ଅନୁଚ୍ଛେଦ 32 ରେ ଯାହା କିଛି ଥିବା ସତ୍ତ୍ୱେ, ତୃତୀୟ ଭାଗ ଦ୍ୱାରା ପ୍ରଦତ୍ତ କୌଣସି ଅଧିକାରିତାର କାର୍ଯ୍ୟକାରିତା ପାଇଁ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ, ଏହାଙ୍କ କ୍ଷେତ୍ରାଧିକାର ପ୍ରୟୋଗ କରୁଥିବା ସମଗ୍ର ଅଞ୍ଚଳରେ ଉପଯୁକ୍ତ ମାମଲାରେ କୌଣସି ସରକାରଙ୍କ ସହିତ କୌଣସି ବ୍ୟକ୍ତି କିମ୍ବା କର୍ତ୍ତୃପକ୍ଷଙ୍କୁ ସେହି ଅଞ୍ଚଳ ମଧ୍ୟରେ *ବନ୍ଦୀ ଉପସ୍ଥାପନ ଆଦେଶ, ପରମ ଆଜ୍ଞାଦେଶ, ନିଷେଧାଦେଶ, ଅଧିକାର ପୃଚ୍ଛା ଆଦେଶ* ଏବଂ *ଉତପ୍ରେଷଣ ଆଦେଶ* ସ୍ୱଭାବର ଆଜ୍ଞାଦେଶ କିମ୍ବା ସେମାନଙ୍କ ମଧ୍ୟରୁ କୌଣସିଟି ସହିତ ନିର୍ଦ୍ଦେଶନାମା, ଆଦେଶ କିମ୍ବା ରିଟ୍ ଜାରି କରିବାକୁ ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟଙ୍କର କ୍ଷମତା ରହିବ ।

(2) ଖଣ୍ଡ (1) ଦ୍ୱାରା ଉଚ୍ଚ ନ୍ୟାୟାଳୟକୁ ପ୍ରଦତ୍ତ କ୍ଷମତା ଅନୁଚ୍ଛେଦ 32ର ଖଣ୍ଡ (2) ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟକୁ ପ୍ରଦତ୍ତ କ୍ଷମତାର ଅବମାନନା ହେବ ନାହିଁ" ।

ଏହି ଅନୁଚ୍ଛେଦର ଭାଷା ଦର୍ଶାଏ ଯେ ନ୍ୟାୟାଳୟ ଦ୍ୱାରା ରିଟ୍ କିମ୍ବା ନିର୍ଦ୍ଦେଶ ଜାରି କରିବା କେବଳ ଏହାର ନିଷ୍ପତ୍ତି ଉପରେ ଆଧାରିତ ନୁହେଁ ଯେ ସମ୍ବିଧାନର ତୃତୀୟ ଭାଗ (ମୌଳିକ ଅଧିକାର) ଅନୁଯାୟୀ ପୀଡ଼ିତ ପକ୍ଷର ଅଧିକାର ଉଲ୍ଲଂଘନ ହୋଇଛି । ଏହା ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ରିଟ୍ ଜାରି କରିପାରେ କିମ୍ବା ସମାନ ନିର୍ଦ୍ଦେଶ ଦେଇପାରେ । ଅନୁଚ୍ଛେଦ 226 ର ଶେଷ ଶବ୍ଦ ଗୁଡିକ ପୂର୍ବବର୍ତ୍ତୀ ସନ୍ଦର୍ଭରେ ପଢିବାକୁ ପଡିବ । ତେଣୁ ଅଧିକାରର ଅସ୍ତିତ୍ୱ ହେଉଛି ଏହି ଧାରା ଅନୁଯାୟୀ ନ୍ୟାୟାଳୟର ଅଧିକାରିତାର ପ୍ରୟୋଗର ମୂଳଦୁଆ । ତେବେ ଆବେଦନ ଅଧୀନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ରାୟ ଦର୍ଶାଉଛି ଯେ ନ୍ୟାୟାଧୀଶମାନେ ପକ୍ଷମାନଙ୍କ ଅଧିକାର ସମ୍ବନ୍ଧରେ କିଛି ନିଷ୍ପତ୍ତି ନେଇନାହାନ୍ତି । ବାସ୍ତବରେ ସେମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ ସେମାନଙ୍କ ମନ୍ତବ୍ୟକୁ ଆବେଦନରେ ଉଠାଯାଇଥିବା ପକ୍ଷମାନଙ୍କର କୌଣସି ଅଧିକାର କିମ୍ବା ବିବାଦର ନିଷ୍ପତ୍ତି ବୋଲି କୌଣସି ପ୍ରକାରେ ବିବେଚନା କରାଯିବା ଉଚିତ ନୁହେଁ । ସମ୍ପୂର୍ଣ୍ଣ ରାୟ ଦର୍ଶାଏ ଯେ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 80 ର ଆବଶ୍ୟକତା ହେତୁ ବର୍ତ୍ତମାନର ଉତ୍ତରଦାତାମାନେ ଅତି କମରେ ଷାଠିଏ ଦିନ ପାଇଁ ସରକାରଙ୍କ ବିରୋଧରେ ମକଦ୍ଦମା ଦାୟର କରିପାରିନଥିବାରୁ ଅନ୍ତରାଳରେ ଉତ୍ତରଦାତାମାନଙ୍କର ସ୍ଥିତିକୁ ବିଚଳିତ କରାଯିବା ଅନୁଚିତ ଏବଂ ତଦନୁସାରେ ନ୍ୟାୟାଳୟ ଏହାଙ୍କ 2 ଅଗଷ୍ଟ,1951 ର ଆଦେଶରେ ନିର୍ଦ୍ଦେଶ ଦେଇଥିଲେ । ଅଗଷ୍ଟ 2 ତାରିଖର ଆଦେଶ ଦ୍ୱାରା ମଞ୍ଜୁର କରାଯିବାକୁ ଚାହୁଁଥିବା ଆଶ୍ୱସ୍ତିର ପ୍ରକୃତି ବିଷୟରେ ଯଦି କୌଣସି ସନ୍ଦେହ ଥାଏ, ତେବେ ସେହି ନ୍ୟାୟାଧୀଶମାନେ ଅଗଷ୍ଟ 6 ତାରିଖର ଆଦେଶ ଦ୍ୱାରା ଏହାକୁ ସମ୍ପୂର୍ଣ୍ଣ ସ୍ପଷ୍ଟ କରିଛନ୍ତି, ଯେଉଁଥିରେ ସେମାନେ ଦର୍ଶାଇଛନ୍ତି ଯେ ଏହି ନିର୍ଦ୍ଦେଶ ବ୍ୟତୀତ ସେମାନେ ଆବେଦନ ଉପରେ ଅନ୍ୟ କୌଣସି ଆଦେଶ ଦେବାକୁ ପ୍ରସ୍ତୁତ ନଥିଲେ । ତେଣୁ ଫଳାଫଳ ହେଉଛି ଯେ ନ୍ୟାୟାଧୀଶମାନେ ପକ୍ଷମାନଙ୍କ ଅଧିକାର ଉପରେ ଅନୁସନ୍ଧାନ ଏବଂ ଘୋଷଣା କରିବାକୁ ମନା କରିଦେଇଥିଲେ ଏବଂ ବର୍ତ୍ତମାନର ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ କରାଯିବାକୁ ଥିବା ପ୍ରସ୍ତାବିତ ମକଦ୍ଦମାରେ ଏହାର ନିର୍ଣ୍ଣୟକୁ ସ୍ପଷ୍ଟ ଭାବରେ ସ୍ଥଗିତ ରଖିଥିଲେ, ସେମାନେ ଏହିପରି ମକଦ୍ଦମା ଦାଖଲ ହେବା ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ଧ୍ୟାନ ଦେବାକୁ ହେବ ଯେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତିର ନିର୍ଦ୍ଦେଶ ଧାରଣ କରି 2 ଅଗଷ୍ଟ, 1951 ରେ ପାରିତ ଆଦେଶ ସହିତ ଆବେଦନଗୁଡିକୁ ସମ୍ପୂର୍ଣ୍ଣ ଭାବରେ ସମାଧାନ କରାଯାଇଥିଲା ଏବଂ ଫଇସଲା ପାଇଁ ବିଚାରାଧୀନ ରଖାଯାଇ ନାହିଁ । ତେଣୁ ଏହି ନିର୍ଦ୍ଦେଶଗୁଡ଼ିକ ଏହି ଆବେଦନଗୁଡ଼ିକ ଉପରେ ନ୍ୟାୟାଳୟ ଦ୍ୱାରା ପାରିତ ଚୂଡ଼ାନ୍ତ ଆଦେଶକୁ ଅନ୍ତର୍ଭୁକ୍ତ କରେ । ଆବେଦନଗୁଡ଼ିକ ଉପରେ କୌଣସି ଚୂଡ଼ାନ୍ତ ଆଦେଶ ପାରିତ ହୋଇନଥିବା ଆଧାରରେ ଆବେଦନଗୁଡ଼ିକର ଗ୍ରହଣୀୟତା ଉପରେ ଏକ ପ୍ରାଥମିକ ଆପତ୍ତି ଉଠାଯାଇଥିଲା । ଏହି ଆଦେଶ ସହିତ ଆବେଦନଗୁଡିକ ଶେଷରେ ସମାଧାନ କରାଯାଇଥିଲା ଏବଂ ଆବେଦନ ସମ୍ବନ୍ଧରେ ଆଉ କିଛି କରିବାକୁ ବାକି ନାହିଁ ଦୃଷ୍ଟିରୁ ଏହି ଆପତ୍ତି ନିଶ୍ଚିତ ଭାବରେ ବିଫଳ ହେବା ଉଚିତ । ତଥ୍ୟ ଏହା ଯେ ଉଦ୍ଦିଷ୍ଟ ମକଦ୍ଦମା ଦାୟର ହେବାର ତିନି ମାସ କିମ୍ବା ଏକ ସପ୍ତାହ ମଧ୍ୟରେ ଆଦେଶର କାର୍ଯ୍ୟକାରିତା ସୀମିତ ରହିବା ଆଦେଶକୁ ଚୂଡ଼ାନ୍ତ ହେବାରୁ ରୋକି ନଥାଏ ।

ଆବେଦନକାରୀଙ୍କ ତରଫରୁ ଏହା ନିବେଦନ କରାଯାଇଥିଲା ଯେ ମାମଲାର ପରିସ୍ଥିତିରେ ଧାରା 226 ଅନୁଯାୟୀ ଏପରି ଆଦେଶ ପାରିତ କରିବା ପାଇଁ ନ୍ୟାୟାଳୟର କୌଣସି ଅଧିକାରିତା ନାହିଁ । ଏହା ଏପରି ଏକ ମାମଲା ନୁହେଁ ଯେଉଁଥିରେ ଧାରା 226 ଅନୁଯାୟୀ ଏକ ଆବେଦନର ଫଇସଲା କରିବା ପୂର୍ବରୁ ନ୍ୟାୟାଳୟ *ସ୍ଥିତାବସ୍ଥା* ବଜାୟ ରଖିବା ଉଦ୍ଦେଶ୍ୟରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପ୍ରକୃତିର ନିର୍ଦ୍ଦେଶ ଦେଇଥିଲେ । ଯେଉଁ ପ୍ରଶ୍ନଟି ଆମକୁ ବିଚାର କରିବାକୁ ପଡ଼ିବ ତାହା ହେଉଛି ଯେ ଯେତେବେଳେ ନ୍ୟାୟାଳୟ ସ୍ପଷ୍ଟ ଭାବରେ କହିଥିଲେ ଯେ ଏହା ଏକ *ପରମ ଆଜ୍ଞାଦେଶ* କିମ୍ବା ସମାନ ପ୍ରକୃତିର ନିର୍ଦ୍ଦେଶନାମା ଜାରି କରିବାକୁ ପକ୍ଷମାନଙ୍କ ଅଧିକାର ନିର୍ଦ୍ଧାରଣ କରିବାରେ ନିବୃତ୍ତ ହୋଇଛନ୍ତି, ସେତେବେଳେ ଅନୁଚ୍ଛେଦ 226 ଅନୁଯାୟୀ କେବଳ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପ୍ରକୃତିର ଆଦେଶ ଦିଆଯାଇପାରିବ କି । ଆମ ମତରେ, ଅନୁଚ୍ଛେଦ 226 କୁ ଆବେଦନ ଉପରେ ଏକମାତ୍ର ଏବଂ ଅନ୍ତିମ ରିହାତି ଭାବରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ, ଯେପରି ଉଚ୍ଚ ନ୍ୟାୟାଳୟ କରିଛନ୍ତି । କେବଳ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 80 ର ବ୍ୟବସ୍ଥାଗୁଡ଼ିକୁ ଏଡ଼ାଇବା ପାଇଁ ଏଠାରେ ନିର୍ଦ୍ଦେଶ ଦିଆଯାଇଛି, ଏବଂ ଆମ ମତରେ ଏହା ଧାରା 226 ର ପରିସର ମଧ୍ୟରେ ନାହିଁ । ଏକ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି କେବଳ ମୁଖ୍ୟ ଆଶ୍ୱସ୍ତିର ସହାୟକ ଏବଂ ଆନୁଷଙ୍ଗିକ ଭାବରେ ମଞ୍ଜୁର କରାଯାଇପାରିବ, ଯାହା ଏକ ମକଦ୍ଦମାରେ କିମ୍ବା କାର୍ଯ୍ୟାନୁଷ୍ଠାନରେ ତାଙ୍କ ଅଧିକାରର ଚୂଡ଼ାନ୍ତ ନିର୍ଣ୍ଣୟ ଉପରେ ପକ୍ଷ ପାଇଁ ଉପଲବ୍ଧ ହୋଇପାରେ । ଯଦି ନ୍ୟାୟାଳୟଙ୍କ ମତ ଥିଲା ଯେ ଆବେଦନକାରୀଙ୍କ ପାଇଁ ଅନ୍ୟ କୌଣସି ସୁବିଧାଜନକ କିମ୍ବା ପର୍ଯ୍ୟାପ୍ତ ପ୍ରତିକାର ଉପଲବ୍ଧ ନାହିଁ, ତେବେ ଏହା ଏହାର ଗୁଣବତ୍ତା ଉପରେ ମାମଲାର ତଦନ୍ତ କରିବାକୁ ଅଗ୍ରସର ହୋଇଥାଆନ୍ତେ ଏବଂ ଆବେଦନକାରୀମାନେ ସେମାନଙ୍କର କୌଣସି ଆଇନଗତ ଅଧିକାରର ଉଲ୍ଲଂଘନ ହୋଇଛି ଯାହା ସେମାନଙ୍କୁ ଏକ *ପରମ ଆଜ୍ଞାଦେଶ* କିମ୍ବା ସମାନ ପ୍ରକୃତିର ଅନ୍ୟ କୌଣସି ଆଦେଶର ଅଧିକାରୀ କରିଥିଲା ବୋଲି ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ କି ନାହିଁ ବୋଲି ନିର୍ଣ୍ଣୟ ନେଇଥାଆନ୍ତେ; ଏବଂ ଏପରି ନିର୍ଣ୍ଣୟ ବିଚାରାଧୀନ ଥିବାବେଳେ ଏହା ପୂର୍ବ *ସ୍ଥିତାବସ୍ଥା* ବଜାୟ ରଖିବା ପାଇଁ ଏକ ଉପଯୁକ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦେଇଥାଇପାରିଥାନ୍ତେ । କିନ୍ତୁ ଯେତେବେଳେ ନ୍ୟାୟାଳୟ ପକ୍ଷମାନଙ୍କ ଅଧିକାର ଉପରେ ନିଷ୍ପତ୍ତି ନେବାକୁ ମନା କରିଦେଲେ ଏବଂ ସ୍ପଷ୍ଟ ଭାବରେ ରାୟ ଦେଲେ ଯେ ଏକ ଦେୱାନୀ ମକଦ୍ଦମାରେ ସେମାନଙ୍କୁ ଅଧିକ ସଠିକ୍ ଭାବରେ ଅନୁସନ୍ଧାନ କରାଯିବା ଉଚିତ, ସେତେବେଳେ ଏପରି ମକଦ୍ଦମା ଦାୟରକୁ ସୁଗମ କରିବା ଉଦ୍ଦେଶ୍ୟରେ, ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଅସ୍ଥାୟୀ ନିଷେଧାଦେଶ ପ୍ରକୃତିର ନିର୍ଦ୍ଦେଶ ଜାରି କରିପାରିବେନାହିଁ । ଆମ ମତରେ, ଅନୁଚ୍ଛେଦ 226 ର ଭାଷା ଏପରି କାର୍ଯ୍ୟାନୁଷ୍ଠାନକୁ ଅନୁମତି ଦିଏ ନାହିଁ । ସେହି ସଂକ୍ଷିପ୍ତ ଆଧାରରେ ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ରାୟକୁ ସମର୍ଥନ କରାଯାଇପାରିବ ନାହିଁ ।

*ଆବେଦନ ଗୁଡ଼ିକୁ ଅନୁମତି ଦିଆଯାଇଛି ।*

ସମସ୍ତ ଆବେଦନରେ ଆବେଦନକାରୀଙ୍କ ପାଇଁ ପ୍ରତିନିଧି : *ପି. ଏ. ମେହେଟ୍ଟା ।*

ମାମଲା ସଂଖ୍ୟା 300 ରେ ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି : *ଏସ୍. ପି. ବର୍ମା ।*

ମାମଲା ସଂଖ୍ୟା 301 ଏବଂ 304 ରେ ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି : *ଗଣପତ ରାୟ* ।

ମାମଲା ସଂଖ୍ୟା 302 ଏବଂ 303 ରେ ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି : ପି. କେ. ଚାଟାର୍ଜୀ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*
ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।